## ସଂକ୍ଷେପରେ

### ମଦଭାଟି ଭାଙ୍ଗିଲା ପୋଲିସ



ଟିକିରି, ୧।୩ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ପୋଲିସ ବେଆଇନ ଭାବେ ରନ୍ଧା ଯାଉଥିବା ଦେଶୀ ମଦ ଭାଟି ଭାଙ୍ଗିବା ସହ ବହୁ ପରିମାଣ ମଦ ପୋଚ ନଷ୍ଟ କରିଛି। ଶୁକ୍ରବାର ଝୋଡିଆ ପଡା ପାହାଡର ନାଳ ନିକଟରେ ମଦ ପ୍ରସ୍ତୁତି କରାଯାଉଥିବାବେଳେ ଖବର ପାଇ ଟିକିରି ଥାନା ଆଇଆଇସି ବିଶ୍ୱବନ୍ଦିନୀ ବାଗଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

### ଯୌତୁକ ନିର୍ଯାତନା ନେଇ ଥାନାରେ ମାମଲା

ଡାବୁଗାଁ, ୧।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ରାବଣାଗୁଡ଼ା ଗ୍ରାମରେ ଯୌତୁକ ନିର୍ଯାତନା ନେଇ ଶୁକ୍ରବାର ଡାବୁଗାଁଥାନାରେ ଅଭିଯୋଗ ହୋଇଛି। ପୋଲିସ ୫୪/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଡାବୁଗାଁ ଥାନା ଅଧୀନ ରାବଣାଗୁଡ଼ା ଗ୍ରାମର ଭସମନ ବିଷୋୟୀ ଓ ଆମ୍ବାଗୁଡ଼ା ଗ୍ରାମର ପୁଷ୍ପାଞ୍ଜଳି ଗତ ଅକ୍ଟୋବର ଘରୁ ଲୁଚି ବିବାହ କରିଥିଲେ। ଏହା ପରଠାରୁ ଭସମନଙ୍କ ବନ୍ଧୁ ଘର କୋଡିଙ୍ଗାରେ ୧୫ ଦିନ ରହିବା ପରେ ରାବଣାଗୁଡା ଗ୍ରାମକୁ ଫେରି ଆସିଥିଲେ। କିଛି ଦିନ ପରେ ଭସମନ ଓ ତାଙ୍କ ପରିବାର ଲୋକେ ମାଡ ମାରିବା ସହ ଟଙ୍କା, ସୁନା ଓ ବାଇକ୍ ଆଣିବାକୁ ଧମକ ଦେଉଥିଲେ ବୋଲି ପୁଷ୍ପାଞ୍ଜଳି ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଡିସେମ୍ବର ୨୧ ସନ୍ଧ୍ୟାରେ ଭସମନ ପୁଷ୍ପାଞ୍ଜଳିଙ୍କୁ ମାଡ ମାରିବା ସହ ଘରୁ ବାହାରକୁ ଧକ୍କା ଦେଇ କାଢ଼ି ଦେଇଥିଲେ। ପୁଷ୍ପାଞ୍ଜଳି ତଳେ ପଡି ବେହୋସ ହୋଇଯାଇଥିଲେ। ପୁଷ୍ପାଞ୍ଜଳିଙ୍କ ମା ଓ ବାପା ଏହି ଖବର ପାଇ ରାବଣାଗୁଡ଼ାରେ ପହଞ୍ଚି ଝିଅକୁ ଉଦ୍ଧାର କରି ଡାବୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପୁଷ୍ପାଞ୍ଜଳିଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ହେବା ପରେ ପୁଷ୍ପାଞ୍ଜଳି ନିଜ ଘର ଆମ୍ବାଗୁଡ଼ାକୁ ଫେରିଥିଲେ। ଏନେଇ ଗ୍ରାମରେ ବୈଠକ ଡକାଯାଇ ସମାଧାନ କରିବାକୁ ଚେଷ୍ଟା କରଯାଇଥିଲା। କିନ୍ତୁ ଭସମନ ଓ ତାଙ୍କ ପରିବାର ଲୋକେ ବୈଠକକୁ ଆସିନଥିଲେ। ତେଣୁ ଶୁକ୍ରବାର ପୀଡ଼ିତା ପୁଷ୍ପାଞ୍ଜଳି ସ୍ୱାମୀ ଭସମନ, ଶାଶୁ କନକଦେଇ, ଶଶୁର ମଙ୍ଗନଙ୍କ ସହ ୨ ନଣନ୍ଦଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରିଛି। ସବଇନ୍ସପେକ୍ଟର ବିଜୁରାମ ବାଗ ଘଟଣାର ତଦନ୍ତ କରୁଛନ୍ତି।

### ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ

କୋଡ଼ିଙ୍ଗା , ୧।୩(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଅତିମାନସ ଯୋଗାଶ୍ରମ ଗଣ୍ଡାଗୁଡ଼ାରେ ଶୁକ୍ରବାର ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀଛାତ୍ର ଏବଂ ଅପା ଭାଇ ଗ୍ରାମ ପରିକ୍ରମା କରିଥିଲେ। ପାଠଚକ୍ର ଓ କୃତଜ୍ଞତା ସଭାକୁ ସୁରେସ ଚନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ। ସମ୍ପାଦକ ବଦ୍ରୀ ନାରାୟଣ ସିଂ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସାଧକ ଅନୀଲ ସାମନ୍ତରାୟ ଭାଗବତ କୃପା ପ୍ରାପ୍ତିର ମାର୍ଗ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସଭାପତି ଅଭିମନ୍ୟୁ ଦାସ ଧନ୍ୟବାଦ ଦେଇଥିଲେ।

# ୩ ମେଗା ପ୍ରକଳ୍ପ ଦିଗହରା: ଅବଧି ସରିଲାଣି, ସରୁନି କାମ

- ନଦୀ, ଝରଣା ପାଣି ବ୍ୟବହାର କରୁଛନ୍ତି ଲୋକେ
- ଗ୍ରୀଷ୍ମରେ ଜଳକଷ୍ଟ ଭୋଗିବେ ଗ୍ରାମବାସୀ

ରାୟଗଡ଼ା, ୧।୩(ଭାଗ୍ୟଶ୍ରୀ ମିଶ୍ର)



କାଶୀପୁର ବ୍ଲକ୍ ବେଲଗଛଡୁଣ୍ଡା ଗ୍ରାମରେ ମହିଳାମାନେ ଚୁଆ ପାଣି ନେଇ ଯାଉଛନ୍ତି।

ପ୍ରତ୍ୟେକ ଘରକୁ ଟ୍ୟାପ୍ ଯୋଗେ ବିଶୁଦ୍ଧ ଜଳ ଯୋଗାଣ ଲକ୍ଷ୍ୟ ନେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଜଳ ଜୀବନ ମିଶନ କାର୍ଯ୍ୟକାରୀ ହେଉଛି। ଏହି ମିଶନ ଅଧୀନରେ ଜଳ ଯୋଗାଣର ମେଗା ପ୍ରୋଜେକ୍ଟ ନିର୍ମାଣ କାମ ଚାଲୁଛି। ୨୦୨୪ ସୁଦ୍ଧା ପ୍ରତି ଘରକୁ ପାଣି ପହଞ୍ଚାଇବା ସରକାର ଲକ୍ଷ୍ୟଧାର୍ଯ୍ୟ ରଖିଥିବାବେଳେ ରାୟଗଡ଼ା ଜିଲାରେ ମେଗା ପ୍ରକଳ୍ପ ଦିଗହରା ହୋଇଥିବା ଅଭିଯୋଗ ହୋଇଛି । ଜିଲାରେ ମୋଟ ୩ଟି ମେଗା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବାବେଳେ ପ୍ରୋଜେକ୍ଟର ଅବଧି ସରିଲାଣି, ହେଲେ କାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଫଳରେ ଗ୍ରାମାଞ୍ଚଳ ଲୋକେ ୨୦୨୪ ସୁଦ୍ଧା ବିଶୁଦ୍ଧ ପାନୀୟଜଳ ଟ୍ୟାପ୍ ଯୋଗେ ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଜିଲାର ଏବେ ବି ଅନେକ ଗ୍ରାମରେ ଲୋକେ ପାନୀୟଜଳ ପାଇଁ ନଦୀ, ନାଳ ଏବଂ ଝରଣା ଉପରେ ନିର୍ଭର କରୁଛନ୍ତି।

ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ତଥ୍ୟ ଅନୁଯାୟୀ, ବିଷମକଟକ ଏବଂ ଗୁଣପୁରକୁ ମିଶାଇ ଗୋଟେ ମେଗା ପ୍ରୋଜେକ୍ଟ କରାଯାଇଛି, ଯେଉଁଥିରେ ବଂଶଧାରା ନଦୀରୁ ପାଣି ଉଠାଯାଇ ବିଷମକଟକର ୨୦ ପଞ୍ଚାୟତର ୨୬୪ ଗ୍ରାମ ଏବଂ ଗୁଣପୁରର ୧୪ ପଞ୍ଚାୟତର ୯୫ଟି ଗ୍ରାମକୁ ପାନୀୟଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ବିଷମକଟକ ପ୍ରୋଜେକ୍ଟର ମୂଲ୍ୟ ୮୪.୨୩ କୋଟି ରଖାଯାଇଥିବା ବେଳେ ଗୁଣପୁର ପାଇଁ ୭୯.୪୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ୨ଟି ଏଗ୍ରିମେଣ୍ଟ ତା୧୭।୧୨।୨୦୧୯ରିଖରେ ଏକ ଅଣଓଡ଼ିଆ ସଂସ୍ଥା ରାଜସ୍ଥାନର ଜୁବେରୀ ଇଞ୍ଜିନିୟରିଂ କନ୍‌ଷ୍ଟ୍ରକ୍‌ଶନ ପ୍ରାଇଭେଟ୍ ଲିମିଟେଡ୍‌କୁ ଦିଆଯାଇଛି। ଏହି ୨ ପ୍ରୋଜେକ୍ଟ କାମ ୧୬।୧୨।୨୦୨୧ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଅବଧି ସମୟ ୨ ବର୍ଷ ପୂରିଥିଲେ ମଧ ଏବେ ନିର୍ମାଣ କାମ ଅଧାପନ୍ତରିଆ ଅବସ୍ଥାରେ ପଡ଼ିଛି। ପ୍ରୋଜେକ୍ଟଗୁଡ଼ିକରେ ୨ଥର ଲେଖାଏଁ ସମୟ ଅବଧି ପରିବର୍ତ୍ତନ କରାଯାଇଥିଲେ ମଧ ସମ୍ପୃକ୍ତ ଠିକାସଂସ୍ଥା କାର୍ଯ୍ୟରେ ବିଳମ୍ବ କରିଚାଲିଛି। ସେହିପରି କାଶୀପୁର ଏବଂ ରାୟଗଡ଼ା ମେଗା ପ୍ରୋଜେକ୍ଟ କାଶୀପୁର ବ୍ଲକର ୨୪ଟି ଗ୍ରାମପଞ୍ଚାୟତର ୪୧୮ ଗ୍ରାମ ଏବଂ ରାୟଗଡ଼ାର ୪ଟି ପଞ୍ଚାୟତର ୪୯ ଗ୍ରାମର ଶତାଧିକ ଲୋକଙ୍କୁ ଜଳ ଯୋଗାଣ ଲକ୍ଷ୍ୟ ରଖି ଆରମ୍ଭ କରାଯାଇଥିଲା, ଯାହାର ଏଗ୍ରିମେଣ୍ଟ ମୂଲ୍ୟ ୨୯୮.୭ କୋଟି ଟଙ୍କା ବୋଲି ଜଣାପଡ଼ିଛି। ମୁମ୍ବାଇର କେଇସି ଇଣ୍ଟରନ୍ୟାଶନାଲ ଏଜେନ୍ସିକୁ ଏହି ପ୍ରୋଜେକ୍ଟ ଦାୟିତ୍ୱ ଦିଆଯାଇଛି । କଳାହାଣ୍ଡି ଜିଲାର ଇନ୍ଦ୍ରାବତୀ ରିଜର୍ଭରୁ ପାଣି ଉଠାଇ ୨୮.୫ ଏମ୍‌ଏଲ୍‌ଡିରେ ଏକ ପାଣି ବିଶୋଧନାଗାର କରାଯାଇ ପ୍ରତି ଘରକୁ ପାଣି ଦେବା ଲକ୍ଷ୍ୟରେ ୩।୧୧।୨୦୨୧ରେ ଏହି ପ୍ରୋଜେକ୍ଟ ଆରମ୍ଭ କରାଯାଇଥିଲା। ୨।୧୧।୨୦୨୩ରେ ପ୍ରକଳ୍ପ କାମ ଶେଷହେବାର ଅବଧି ଥିଲେ ମଧ୍ୟ ଆଜିଯାଏଁ କାମ ସମ୍ପୂର୍ଣ୍ଣ ହୋଇନାହିଁ । କାଶୀପୁରରେ ସ୍ଥାନୀୟ ଲୋକଙ୍କ କିଛି ସମସ୍ୟା ଏବଂ ଜମି ସମସ୍ୟାକୁ ନେଇ କାର୍ଯ୍ୟରେ ବିଳମ୍ବ ହେଉଥିବା ବିଭାଗ ପକ୍ଷରୁ ଦର୍ଶାଯାଉଛି । ସେହିପରି ରାମନାଗୁଡ଼ା ଏବଂ କୋଲନରାରେ ୧୧୪.୬୮ କୋଟି ଟଙ୍କା ବ୍ୟୟରେ ମେଗା ପ୍ରୋଜେକ୍ଟ କାମ ଗତ ୬।୮।୨୨ରେ ସୂର୍ଯ୍ୟା ଇଣ୍ଟରନ୍ୟାଶନାଲକ ଦିଆଯାଇଛି। ୫।୮।୨୪ରେ କାମ ସରିବାକୁ ଲକ୍ଷ୍ୟ ରଖାଯାଇଛି। ଗ୍ରୀଷ୍ମ ପୂର୍ବରୁ ଏହି କାର୍ଯ୍ୟ ସରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ସରକାରଙ୍କ ଦ୍ୱାରା କରାଯାଇଥିବା ପୁରୁଣା ଯୋଜନାରେ ରାୟଗଡ଼ା ଜିଲାରେ ୬୮୨ ଗ୍ରାମର ଲୋକେ ପାଣି ପାଉଛନ୍ତି। ଗ୍ରାମ୍ୟ ଜଳ ଯୋଗାଣ ପକ୍ଷରୁ ଆହୁରି ୨୩୪୦ ଗ୍ରାମର ଶତାଧିକ ଲୋକଙ୍କୁ ପାଣି ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୋପାଳ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ମେଗା ପ୍ରକଳ୍ପ କାମ ଅନେକ କାରଣରୁ ବିଳମ୍ବ ହେଉଛି। କିଛି ସ୍ଥାନରେ ସ୍ଥାନୀୟ ବାସିନ୍ଦାଙ୍କ ସମସ୍ୟା ଏବଂ ଜମି ସମସ୍ୟା ରହୁଛି। ଅନ୍ୟପକ୍ଷରେ କାମ ନେଇଥିବା ସଂସ୍ଥାଗୁଡ଼ିକ ମଧ ବିଳମ୍ବ କରୁଛନ୍ତି । ବାରମ୍ବାର ତାଗିଦ ସହ ସେମାନଙ୍କୁ ପେନାଲ୍ଟି ମଧ ଚାର୍ଜ କରାଯାଉଛି ବୋଲି କହିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ମେଗା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବାକୁ ଦାବି ହୋଇଛି।

## କୋଷାଗୁମୁଡ଼ାର ପ୍ରସିଦ୍ଧ ମାଘ ମଣ୍ଡେଇ ଯାତ୍ରା

କୋଷାଗୁମୁଡ଼ା, ୧।୩(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡା ସଦର ମହକୁମାରେ ପ୍ରସିଦ୍ଧ ମାଘ ମଣ୍ଡେଇ ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ତିନିଦିନ ଧରି ଚାଲିଥାଏ। ଲାଠି, କୁର୍ସି, ଶିରା, ପୂଜାରୀଙ୍କ ସମାରୋହରେ ମଣ୍ଡେଇ ଯାତ୍ରାରେ ଗହଳଚହଳ ଲାଗିରହେ। ପାରମ୍ପରିକ ରୀତିନୀତି ଅନୁସାରେ ପୂଜାକରି ଗ୍ରାମ ଦେବଦେବୀଙ୍କୁ ସନ୍ତୁଷ୍ଟ କଲେ ଗାଁରେ ହସଖୁସି ଲାଗି ରହିବ, ଶସ୍ୟଶ୍ୟାମଳ ସବୁଜିମାରେ ପରିପୂର୍ଣ୍ଣ ହେବ, ପ୍ରାକୃତିକ ବିପର୍ଯ୍ୟୟ ଦୈବୀ ଦୁର୍ବିପାକରୁ ମୁକ୍ତି , ରୋଗ ସଂକ୍ରମଣରୁ ରକ୍ଷା ମିଳେ ବୋଲି ବିଶ୍ୱାସ ରହିଛି। ଏପରି ବିଶ୍ୱାସକୁ ନେଇ ଗ୍ରାମର ପ୍ରତ୍ୟକ୍ଷ ଆରାଧ୍ୟ ଦେବତା ରାଜା ଚାଉଁରିଆ ମନ୍ଦିର ନିକଟରେ ଆଖପାଖ ଅଞ୍ଚଳର ଲାଠି, କୁର୍ସି, ଶିରା, ପୂଜାରୀମାନେ ଏକତ୍ରିତ ହୋଇଥାନ୍ତି। ଏହାପରେ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥାଏ। ପରେ ଗ୍ରାମବାସୀ ଲାଠି, କୁର୍ସି, ଶିରା, ଡୋଲି, ପୂଜାରୀଙ୍କ ସମାଗମରେ ବାଜା, ମହୁରି ବଜାଇ ଗ୍ରାମରେ ଥିବା ପ୍ରତ୍ୟେକ ମନ୍ଦିରକୁ ଯାଇ ପୂଜା କରିଥାନ୍ତି। ରାତିରେ ଲୋକମାନଙ୍କ ମନୋରଞ୍ଜନ ପାଇଁ ତିନୋଟି ଦେଶିଆ ନାଟକ ପରିବେଷଣ କରାଯାଏ । ଶନିବାର ମଧ ଏକ ନାଟକ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ମଣ୍ଡେଇ ଯାତ୍ରାରେ ଶହୀଦ ଲକ୍ଷ୍ମଣ ନାୟକ ମିନି ଷ୍ଟାଡିୟମରେ ଥିବା ମୀନାବଜାର ଲୋକମାନଙ୍କୁ ଆକର୍ଷିତ କରୁଛି । ମଣ୍ଡେଇ ଯାତ୍ରାରେ ସାମିଲ ହୋଇଥିବା ସମସ୍ତ ଦଳର ନେତା ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଏ।

# ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସରେ ଶୋଭାଯାତ୍ରା



ହୁଇଲ ଚେୟାର ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାୟଗଡ଼ା, ୧।୩(ଆଶିଷ ରଞ୍ଜନ ପଣ୍ଡା)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଅନ୍ତର୍ଜାତୀୟ ହୁଇଲ ଚେୟାର ଦିବସ ପାଳିତ ହୋଇଯାଇଛି । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅଡିଟୋରିୟମଠାରୁ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ନରେନ୍ଦ୍ର କୁମାର ନାୟକ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ପରେ ଅଡିଟୋରିୟମଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମଙ୍କ ସଶକ୍ତିକରଣ ପାଇଁ ରାଜ୍ୟ ସରକାର ସର୍ବଦା କାର୍ଯ୍ୟରତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ନରେନ୍ଦ୍ର ନାୟକ, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ରାୟଗଡ଼ା ଭିନ୍ନକ୍ଷମ ମହାସଂଘ ଅମରେନ୍ଦ୍ର ନାଥ ଓ ଓଡ଼ିଶା ବିକଳାଙ୍ଗ ମଞ୍ଚ ଜିଲା ସମ୍ପାଦକ ଜଳନ୍ଧର ବାଛେଲି ଓ କୋଲନରା ଭିନ୍ନକ୍ଷମ ମହାସଂଘ ସଭାପତି ସନ୍ତୋଷ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଭିନ୍ନକ୍ଷମଙ୍କ ପାଇଁ ହୁଇଲ ଚେୟାର ରେସ୍, ହୁଇଲ ଚେୟାର ଡ୍ୟାନ୍ସ, ହୁଇଲ ଚେୟାର ଫେନ୍ସି ଡ୍ରେସ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ଓ ରାୟଗଡ଼ା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରାଙ୍କ ସମେତ ଗୁଣପୁର ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଏଲ.ସନ୍ତୋଷ ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା ।

# ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଅଭିଯୋଗ

ଉମରକୋଟ, ୧।୩(ସନ୍ତୋଷ ଶତପଥୀ)



ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ସେମଳା ପଞ୍ଚାୟତର ବଡ଼ବାସିନୀ ଆଦିବାସୀ ଗ୍ରାମର ଜଣେ ବୃଦ୍ଧାଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିବା ନେଇ ଶୁକ୍ରବାର ଉମରକୋଟ ଥାନାରେ ଅଭିଯୋଗ ହେଇଛି। ମୃତା ହେଲେ ଚମରିନ ଭତ୍ରା (୬୦)। ଚମରିନଙ୍କ ଝିଅ କ୍ଷେମା ଉମରକୋଟ ଥାନାରେ ଗାଁର କାମିନୀ ଗଣ୍ଡ, ପଦଲାମ ଗଣ୍ଡ, ଚମରୁ ଗଣ୍ଡ, ମଦନା ଗଣ୍ଡ, ଗୋମତି ଗଣ୍ଡଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନେ ଫେରାର ଥିବା ପୋଲିସ ସୂଚନା ଦେଇଛି।

ଏତଲା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ୭ଟାରେ ଅଭିଯୁକ୍ତମାନେ ଘରେ ପଶି ଚମରିନଙ୍କୁ ଗୁଣିଗାରେଡ଼ି କରୁଥିବା କହି ପାଟି କରିବା ସହ ଇଲେକ୍ଟ୍ରି ସକ୍ ଦେଇଥିଲେ। ରାତି ପ୍ରାୟ ୯ଟାରେ ଅଭିଯୁକ୍ତମାନେ ପୁଣିଥରେ ସେଠାକୁ ଆସି ଚମରିନଙ୍କୁ ଜୋର୍ ଜବରଦସ୍ତ ମଦନ ଗଣ୍ଡଙ୍କ ଘରକୁ ଟାଣି ଟାଣି ନେଇ ଯାଇଥିଲେ। ସେଠାରେ ଚମରିନଙ୍କୁ ଟାଙ୍ଗିଆରେ କାନ ପାଖରେ ଚୋଟ ମାରିବା ସହ ଠେଙ୍ଗାରେ ପିଟିଥିଲେ। ଝିଅ କ୍ଷେମା ଓ ପୁଅ ପଦୁ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ମଧ ନିସ୍ତୁକ ମାଡ଼ ମାରିଥିବା ଏତଲାରେ ଉଲ୍ଲେଖ ରହିଛି। ପ୍ରବଳ ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ହିଁ ଚମରିନଙ୍କ ମୃତ୍ୟୁ ହୋଇଯାଇଥିଲା। ଶୁକ୍ରବାର ସକାଳେ କ୍ଷେମା ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉମରକୋଟ ଏସ୍‌ଡିପିଓ ମଧୁସିକ୍ତା ମିଶ୍ର ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଉମରକୋଟ ଥାନାଧିକାରୀ ଉମ୍ବରୁଧର ପ୍ରଧାନ ଓ ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାର ତଦନ୍ତ କରିଥିଲେ। ଚମରିନଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ଶନିବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଉମ୍ବରୁଧର ସୂଚନା ଦେଇଛନ୍ତି। ଏ ନେଇ ପୋଲିସ ନଂ.୧୧୪/୨୪ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ଅଛନ୍ତି। ମୃତକଙ୍କ ପୁଅ ପଦୁ ଓ ଝିଅ କ୍ଷେମାଙ୍କୁ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଥିବା ପୋଲିସ କହିଛି।

## ପୋଲିସର ଜନ ସମ୍ପର୍କ ଶିବିର

ଉମରକୋଟ, ୧।୩(ସନ୍ତୋଷ ଶତପଥୀ)

ଉମରକୋଟ ପୋଲିସ ପକ୍ଷରୁ ବେହେଡା ପଞ୍ଚାୟତର ଅର୍ଜୁନ ପାଣି ଗ୍ରାମରେ ଏକ ଜନ ସମ୍ପର୍କ ଶିବିର କରାଯାଇଛି। ନବରଙ୍ଗପୁର ପୋଲିସ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସତ୍ୟରଞ୍ଜନ ପତି, ପୋଲିସ ଆର୍‌ଆଇ ଅଜୟ କୁମାର ଇକା, ପୋଲିସ ସୁବେଦାର ଆଶିଷ ପଟେଲ ଓ ଉମରକୋଟ ପୋଲିସ ଏସ୍‌ଆଇ ଅକ୍ଷୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପୋଲିସ ଓ ଲୋକଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। କୌଣସି ଅପରାଧର ଖବର ପାଇଲେ ତୁରନ୍ତ ପୋଲିସ ସହ ଯୋଗାଯୋଗ କରନ୍ତୁ ବୋଲି କୁହାଯାଇଛି। ଏହାପରେ ଗ୍ରାମର ଯୁବକମାନଙ୍କୁ ନେଇ ଭଲିବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ବିଜୟୀ ଦଳକୁ ପୁରସ୍କୃତ କରାଯାଇଛି। ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ, ବୃଦ୍ଧାବୃଦ୍ଧଙ୍କୁ ପୋଷାକ ଓ ଯୁବଗୋଷ୍ଠୀଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ କରାଯାଇଛି। ବୃଦ୍ଧାବୃଦ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମେଡିସିନ ଦିଆଯାଇଛି। ଅର୍ଜୁନ ପାଣି ବିଦ୍ୟାଳୟ ଶିକ୍ଷକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆଖପାଖ ପଞ୍ଚଳର ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ।



ରାୟଗଡ଼ା ଜିଲାରେ ଥିବା ନାଗାବଳୀ ନଦୀରେ ୨ ନାବାଳିକା ବୁଡ଼ି ଯାଇଥିବାବେଳେ ଦମକଳ ବାହିନୀ ଖୋଜାଖୋଜି କରୁଛନ୍ତି।

# ମୌଳିକ ଅଧିକାର ଦାବିରେ ଏଏପିର ଧାରଣା

**୭ ଦଫା ଦାବିପତ୍ର ପ୍ରଦାନ**

ରାୟଗଡ଼ା, ୧।୩(ଆଶିଷ ରଞ୍ଜନ ପଣ୍ଡା)



ଧାରଣାରେ ବସିଥିବା ଏଏପି ନେତା ଓ କର୍ମକର୍ତ୍ତାମାନେ।

ସାଧାରଣ ଲୋକଙ୍କ ମୌଳିକ ଅଧିକାର ଓ ସମସ୍ୟା ସମାଧାନ ଦାବିରେ ରାୟଗଡ଼ା ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଶୁକ୍ରବାର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ଏଏପିର ରାଜ୍ୟ ଆବାହକ ତଥା ଜିଲା ସଭାପତି ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ଏକ ବିଶାଳ ସମାବେଶ ହୋଇଥିଲା। ଏଥିରେ ଏଏପିର କର୍ଣାଟକ ରାଜ୍ୟ ପ୍ରଭାରୀ ନିତ୍ୟାନନ୍ଦ ସାହୁ, ଗଞ୍ଜାମ ଜିଲା ସଭାପତି ସୁବାସ ରାଉତ ଓ ସମ୍ପାଦକ ଆଦିତ୍ୟ ରଥ, ହରପ୍ରସାଦ ସାହୁ, କଳାହାଣ୍ଡି ଲୋକ ସଭା ମଣ୍ଡଳୀ ସଭାପତି କୃତ୍ତିବାସ ମୁଣ୍ଡ, ବଲାଙ୍ଗୀର ଜିଲା ସଭାପତି ଆଶିଷ ପାଣ୍ଡେ, କଟକ ଜିଲା ସଭାପତି ଦୁର୍ଗା ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଦଳ ପକ୍ଷରୁ ଏକ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା।

ବାର୍ଦ୍ଧକ୍ୟ, ବିଧବା, ଅବିବାହିତା ଓ ଦିବ୍ୟାଙ୍ଗଙ୍କୁ ମାସିକ ୨୫୦୦ ଟଙ୍କା ଭତ୍ତା ପ୍ରଦାନ, ସମସ୍ତ ପରିବାରକୁ ମାସିକ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ସେବା, ଭୂମିହୀନଙ୍କୁ ଥଇଥାନ କରିବା, ଜିଲାରେ ସୁପର ସ୍ପେଶାଲିଟି ମେଡିକାଲ ଏବଂ ମେଡିକାଲ କଲେଜ ସ୍ଥାପନ କରିବା, ସହରରେ ବୃଦ୍ଧି ପାଉଥିବା ଚୋରି ଓ ରାହାଜାନି ରୋକିବା ସହିତ ୨ଟି ନୂତନ ଟାଉନ ଥାନା ଖୋଲିବା ଏବଂ ରାୟଗଡ଼ା ବ୍ଲକର ଡାଙ୍ଗଲୋଡ଼ି ପଞ୍ଚାୟତର ସୁଲୁବାଡ଼ି ଏବଂ ପାଙ୍ଗାପାଇ ଗ୍ରାମକୁ ପକ୍କାରାସ୍ତା କରିବା, ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି । ଏଥିସହିତ ଜିଲାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ହେଉଥିବା ଦୁର୍ନୀତିକୁ ରୋକିବା ସହିତ ଗରିବ ହିତାଧିକାରୀଙ୍କ ନିକଟରେ କିଭଳି ସମସ୍ତ ଯୋଜନା ପହଞ୍ଚିବ ସେଥିପ୍ରତି ଧ୍ୟାନଦେବାକୁ ଦାବି ହୋଇଛି । ଏହି କାର୍ଯ୍ୟକ୍ରମକୁ ଜିଲା ସଭାପତି ଜନ୍ମେଜୟ ସ୍ୱାଇଁ ଓ ଉପସଭାପତି ଜିତେନ୍ଦ୍ର ସେନାପତି ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଷମକଟକ ବ୍ଲକ ସଭାପତି ରମେଶ ଚନ୍ଦ୍ର ପାତ୍ର, ସନ୍ତୋଷ ପାଇକ, ହେମନ୍ତ ଖୋସ୍‌ଲା, ସୁନ୍ଦର କାଡ୍ରାକା, ବିଜୁ କିଲାକା, ଚକ୍ରଧର ମହାପାତ୍ର, ଦୁର୍ଗାଚରଣ ପଟ୍ଟନାୟକ, ଉତ୍ତମ ନାଗ, ମଧୁସୂଦନ ପାଣିଗ୍ରାହୀଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ ।

## ସଂକ୍ଷେପରେ

### ଯୌତୁକ ନିର୍ଯାତନା ନେଇ ଥାନାରେ ମାମଲା

ଡାବୁଗାଁ, ୧।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ରାବଣାଗୁଡ଼ା ଗ୍ରାମରେ ଯୌତୁକ ନିର୍ଯ୍ୟାତନା ନେଇ ଶୁକ୍ରବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ୫୪/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଡାବୁଗାଁ ଥାନା ଅଧୀନ ରାବଣାଗୁଡ଼ା ଗ୍ରାମର ଭସମନ ବିଷୋୟୀ ଓ ଆମ୍ବାଗୁଡ଼ା ଗ୍ରାମର ପୁଷ୍ପାଞ୍ଜଳି ଗତ ଅକ୍ଟୋବର ଘରୁ ଲୁଚି ବିବାହ କରିଥିଲେ। ଏହା ପରଠାରୁ ଭସମନଙ୍କ ବନ୍ଧୁ ଘର କୋଡିଙ୍ଗାରେ ୧୫ ଦିନ ରହିବା ପରେ ରାବଣାଗୁଡା ଗ୍ରାମକୁ ଫେରି ଆସିଥିଲେ। କିଛି ଦିନ ପରେ ଭସମନ ଓ ତାଙ୍କ ପରିବାର ଲୋକେ ମାଡ ମାରିବା ସହ ଟଙ୍କା, ସୁନା ଓ ବାଇକ୍ ଆଣିବାକୁ ଧମକ ଦେଉଥିଲେ ବୋଲି ପୁଷ୍ପାଞ୍ଜଳି ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଡିସେମ୍ବର ୨୧ ସନ୍ଧ୍ୟାରେ ଭସମନ ପୁଷ୍ପାଞ୍ଜଳିଙ୍କୁ ମାଡ ମାରିବା ସହ ଘରୁ ବାହାରକୁ ଧକ୍କା ଦେଇ କାଢ଼ି ଦେଇଥିଲେ। ପୁଷ୍ପାଞ୍ଜଳି ତଳେ ପଡି ବେହୋସ ହୋଇଯାଇଥିଲେ। ପୁଷ୍ପାଞ୍ଜଳିଙ୍କ ମା ଓ ବାପା ଏହି ଖବର ପାଇ ରାବଣାଗୁଡ଼ାରେ ପହଞ୍ଚି ଝିଅକୁ ଉଦ୍ଧାର କରି ଡାବୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପୁଷ୍ପାଞ୍ଜଳିଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ହେବା ପରେ ପୁଷ୍ପାଞ୍ଜଳି ନିଜ ଘର ଆମ୍ବାଗୁଡ଼ାକୁ ଫେରିଥିଲେ। ଏନେଇ ଗ୍ରାମରେ ବୈଠକ ଡକାଯାଇ ସମାଧାନ କରିବାକୁ ଚେଷ୍ଟା କରଯାଇଥିଲା। କିନ୍ତୁ ଭସମନ ଓ ତାଙ୍କ ପରିବାର ଲୋକେ ବୈଠକକୁ ଆସିନଥିଲେ। ତେଣୁ ଶୁକ୍ରବାର ପୀଡ଼ିତା ପୁଷ୍ପାଞ୍ଜଳି ସ୍ୱାମୀ ଭସମନ, ଶାଶୁ କନକଦେଇ, ଶଶୁର ମଙ୍ଗନଙ୍କ ସହ ୨ ନଣନ୍ଦଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରିଛି। ସବଇନ୍ସପେକ୍ଟର ବିଜୁରାମ ବାଗ ଘଟଣାର ତଦନ୍ତ କରୁଛନ୍ତି।

### ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ

କୋଡ଼ିଙ୍ଗା, ୧।୩(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଅତିମାନସ ଯୋଗାଶ୍ରମ ଗଣ୍ଡାଗୁଡ଼ାରେ ଶୁକ୍ରବାର ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀଛାତ୍ର ଏବଂ ଅପା ଭାଇ ଗ୍ରାମ ପରିକ୍ରମା କରିଥିଲେ। ପାଠଚକ୍ର ଓ କୃତଜ୍ଞତା ସଭାକୁ ସୁରେସ ଚନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ। ସମ୍ପାଦକ ବଦ୍ରୀ ନାରାୟଣ ସିଂ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସାଧକ ଅନୀଲ ସାମନ୍ତରାୟ ଭାଗବତ କୃପା ପ୍ରାପ୍ତିର ମାର୍ଗ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସଭାପତି ଅଭିମନ୍ୟୁ ଦାସ ଧନ୍ୟବାଦ ଦେଇଥିଲେ। ଦେହାଂଶ ପ୍ରତିଷ୍ଠାର ଦିବ୍ୟ ମୁହୂର୍ତ୍ତରେ ସମାଧି ଚାରିପଟେ ବିଶେଷ



ଧ୍ୟାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଲିଙ୍ଗରାଜ ଦାସ, ଜ୍ୟୋତି ରେଖା ଦାସ, ପ୍ରସନ୍ନ କୁମାର ପ୍ରଧାନ, ସୁଜାତା ଅପା, ବୁନା ଭାଇ,ସବିତା ଅପା, ରାଣୀ ଅପା,ତେଜା ଅପା ପୁଷ୍ପା ଅପା, ଇତି ଅପା,ଦୀପା ଅପା ସହଯୋଗ କରିଥିଲେ।

# 'ହୁଇଲ ଚେୟାର ଯନ୍ତ୍ର ନୁହଁ ବରଂ ଏକ ମାଧ୍ୟମ'

## ଜିଲାସ୍ତରୀୟ ଆନ୍ତର୍ଜାତିକ ହୁଇଲ୍ ଚେୟାର ଦିବସରେ ଶୋଭାଯାତ୍ରା, ସଭା

ନବରଙ୍ଗପୁର, ୧।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଶୁକ୍ରବାର ଆନ୍ତର୍ଜାତିକ ହୁଇଲ ଚେୟାର ଦିବସ ପାଳନ କରାଯାଇଛି। ଏହି ଅବସରେ ତ୍ରିବେଣୀ ଛକରୁ ଦିବ୍ୟାଙ୍ଗମାନଙ୍କୁ ନେଇ ବାହାରିଥିବା ହୁଇଲ୍ ଚେୟାର ଶୋଭାଯାତ୍ରାକୁ ଜିଲାପାଳ ଡ଼ଃ କମଳ ଲୋଚନ ମିଶ୍ର ଏବଂ ଅତିରିକ୍ତ ଜିଲାପାଳ(ରାଜସ୍ୱ) ନବୀନ ଚନ୍ଦ୍ର ନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଡିଆଇପିଆର୍‌ଓ ହଳଧର ନିଆଲ, ଆଶା କିରଣ ଅଧକ୍ଷ ଜଗନ୍ନାଥ ବେହେରା, ଜିଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଅଧିକାରୀ ବିଭୁଦତ ସେଠୀ, ଜିଲା ଭିନ୍ନକ୍ଷମ ସଂଘ ସମ୍ପାଦକ ସୁଜିତ୍ ରଥ, ସାମାଜିକ କର୍ମୀ ନଗେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ସ୍କୁଲ ପଡ଼ିଆରେ ପହଞ୍ଚିବା ପରେ ସେଠାରେ ସଭାକାର୍ଯ୍ୟ କରାଯାଇଥିଲା। ଏଥିରେ ଜିଲାପାଳଙ୍କ ସମେତ ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନହୋର ରନ୍ଧାରୀ, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ, ବରିଷ୍ଠ ନାଗରିକ ସଭାପତି ଡ଼ଃ ରାଧାନାଥ ବେହେରା, ନୀଳମାଧବ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ହୁଇଲ ଚେୟାର ଏକ ଯନ୍ତ୍ର ନୁହଁ ବରଂ ଏହା ଏକ ମାଧ୍ୟମ। ଯାହାଦ୍ୱାରା ଦିବ୍ୟାଙ୍ଗମାନେ ନିଜ କାମ କରିବାକୁ ସକ୍ଷମ ବୋଲି ଜିଲାପାଳ କହିଛନ୍ତି। ଦିବ୍ୟାଙ୍ଗମାନଙ୍କୁ ସରକାରଙ୍କ ପକ୍ଷରୁ ଆବଶ୍ୟକ ସାମାଜିକ ସୁରକ୍ଷା ସହାୟତା ପ୍ରଦାନ କରାଯାଉଛି ଏବଂ ଜିଲା ପ୍ରଶାସନ ଏଥିପ୍ରତି ଯତ୍ନବାନ୍ ଅଛି ବୋଲି ସେ କହିଥିଲେ। କୌଣସି ଦିବ୍ୟାଙ୍ଗ ଯେପରି ସରକାରୀ ସୁବିଧାରୁ ବଞ୍ଚିତ ନ ହେବେ ସେ ଦିଗରେ ଧ୍ୟାନ ଦେବାକୁ ଡାବୁଗାଁ ବିଧାୟକ କହିଥିଲେ। ଏହାପରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଦିବ୍ୟାଙ୍ଗମାନଙ୍କୁ ନେଇ ଖେଳ,ନାଚ,ଗୀତ ଓ ଚିତ୍ର ଆଦି ପ୍ରତିଯୋଗିତା କରାଯାଇଛି। ହୁଇଲ ଚେୟାର ବକେଟ ଥ୍ରୋ, ହୁଇଲ୍ ଚେୟାର ରନିଂ ଆଦି ପ୍ରତିଯୋଗିତା କରାଯାଇଥିଲା। ପୂର୍ବରୁ ବିଭିନ୍ନ ବ୍ଲକରୁ କରାଯାଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଏଥିରେ ପ୍ରାୟ ୧୩୦ ଜଣ ଦିବ୍ୟାଙ୍ଗଙ୍କୁ ସମ୍ମାନିତ କରାଯାଇଥିଲା। ଦିବ୍ୟାଙ୍ଗଙ୍କ ପାଇଁ କାମ କରୁଥିବା ସାମାଜିକ କର୍ମୀ ସୁଜିତ୍ ରଥ, ଘଷିଆ ମାଳିଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଜିଲାର ସମସ୍ତ ବିଆର୍‌ସି, ବିଏସ୍‌ଏସ୍‌ଓ, ଖେଳ ପ୍ରଶିକ୍ଷକଙ୍କ ସହିତ ବହୁ ସ୍ୱେଚ୍ଛାସେବୀ ଓ ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ ସହଯୋଗ କରିଥିଲେ। ଜଗନ୍ନାଥ ବେହେରା ମଞ୍ଚ ପରିଚାଳନା କରିଥିଲେ।




ଜିଲାପାଳ ବୈଠକରେ ଉଦବୋଧନ ଦେଉଛନ୍ତି।



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଦିବ୍ୟାଙ୍ଗ ଓ ଅନ୍ୟମାନେ।

# ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଅଭିଯୋଗ



ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

ଉମରକୋଟ, ୧।୩(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ସେମଳା ପଞ୍ଚାୟତର ବଡ଼ବାସିନୀ ଆଦିବାସୀ ଗ୍ରାମର ଜଣେ ବୃଦ୍ଧାଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିବା ନେଇ ଶୁକ୍ରବାର ଉମରକୋଟ ଥାନାରେ ଅଭିଯୋଗ ହେଇଛି। ମୃତା ହେଲେ ଚମରିନ ଭତ୍ରା (୬୦)। ଚମରିନଙ୍କ ଝିଅ କ୍ଷେମା ଉମରକୋଟ ଥାନାରେ ଗାଁର କାମିନୀ ଗଣ୍ଡ, ପଦଲାମ ଗଣ୍ଡ, ଚମରୁ ଗଣ୍ଡ, ମଦନା ଗଣ୍ଡ, ଗୋମତି ଗଣ୍ଡଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନେ ଫେରାର ଥିବା ପୋଲିସ ସୂଚନା ଦେଇଛି।

ଏତଲା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ୭ଟାରେ ଅଭିଯୁକ୍ତମାନେ ଘରେ ପଶି ଚମରିନଙ୍କୁ ଗୁଣିଗାରେଡ଼ି କରୁଥିବା କହି ପାଟି କରିବା ସହ ଇଲେକ୍ଟ୍ରିକ ସକ୍ ଦେଇଥିଲେ। ରାତି ପ୍ରାୟ ୯ଟାରେ ଅଭିଯୁକ୍ତମାନେ ପୁଣିଥରେ ସେଠାକୁ ଆସି ଚମରିନଙ୍କୁ ଜୋର୍ ଜବରଦସ୍ତ ମଦନ ଗଣ୍ଡଙ୍କ ଘରକୁ ଟାଣି ଟାଣି ନେଇ ଯାଇଥିଲେ। ସେଠାରେ ଚମରିନଙ୍କୁ ଟାଙ୍ଗିଆରେ କାନ ପାଖରେ ଚୋଟ ମାରିବା ସହ ଠେଙ୍ଗାରେ ପିଟିଥିଲେ। ଝିଅ କ୍ଷେମା ଓ ପୁଅ ପଦୁ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ମଧ୍ୟ ନିସ୍ତୁକ ମାଡ଼ ମାରିଥିବା ଏତଲାରେ ଉଲ୍ଲେଖ ରହିଛି। ପ୍ରବଳ ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ହିଁ ଚମରିନଙ୍କ ମୃତ୍ୟୁ ହୋଇଯାଇଥିଲା। ଶୁକ୍ରବାର ସକାଳେ କ୍ଷେମା ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉମରକୋଟ ଏସ୍‌ଡିପିଓ ମଧୁସ୍ମିତା ମିଶ୍ର ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଉମରକୋଟ ଥାନାଧିକାରୀ ଡମ୍ବରୁଧର ପ୍ରଧାନ ଓ ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାର ତଦନ୍ତ କରିଥିଲେ। ଚମରିନଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ଶନିବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଡମ୍ବରୁଧର ସୂଚନା ଦେଇଛନ୍ତି। ଏ ନେଇ ପୋଲିସ ନଂ.୧୧୪/୨୪ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ଅଛନ୍ତି। ମୃତକଙ୍କ ପୁଅ ପଦୁ ଓ ଝିଅ କ୍ଷେମାଙ୍କୁ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଥିବା ପୋଲିସ କହିଛି।

# ରୋଗରୁ ରକ୍ଷା, ଫସଲ ଭଲ ହେଉଥିବା ବିଶ୍ୱାସ

## କୋଷାଗୁମୁଡ଼ାର ପ୍ରସିଦ୍ଧ ମାଘ ମଣ୍ଡେଇ ଯାତ୍ରା



ମଣ୍ଡେଇ ପଡ଼ିଆକୁ ଲାଠି ନିଆଯାଉଛି।

କୋଷାଗୁମୁଡ଼ା, ୧।୩(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡା ସଦର ମହକୁମାରେ ପ୍ରସିଦ୍ଧ ମାଘ ମଣ୍ଡେଇ ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ତିନିଦିନ ଧରି ଚାଲିଥାଏ। ଲାଠି, କୁର୍ସି, ଶିରା, ପୂଜାରୀଙ୍କ ସମାରୋହରେ ମଣ୍ଡେଇ ଯାତ୍ରାରେ ଗହଳଚହଳ ଲାଗିରହେ। ପାରମ୍ପରିକ ରୀତିନୀତି ଅନୁସାରେ ପୂଜାକରି ଗ୍ରାମ ଦେବଦେବୀଙ୍କୁ ସନ୍ତୁଷ୍ଟ କଲେ ଗାଁରେ ହସଖୁସି ଲାଗି ରହିବ, ଶସ୍ୟଶ୍ୟାମଳ ସବୁଜିମାରେ ପରିପୂର୍ଣ୍ଣ ହେବ, ପ୍ରାକୃତିକ ବିପର୍ଯ୍ୟୟ ଦୈବୀ ଦୁର୍ବିପାକରୁ ମୁକ୍ତି, ରୋଗ ସଂକ୍ରମଣରୁ ରକ୍ଷା ମିଳେ ବୋଲି ବିଶ୍ୱାସ ରହିଛି।

ଏପରି ବିଶ୍ୱାସକୁ ନେଇ ଗ୍ରାମର ପ୍ରତ୍ୟକ୍ଷ ଆରାଧ୍ୟ ଦେବତା ରାଜା ଚାଉଁରିଆ ମନ୍ଦିର ନିକଟରେ ଆଖପାଖ ଅଞ୍ଚଳର ଲାଠି, କୁର୍ସି, ଶିରା, ପୂଜାରୀମାନେ ଏକତ୍ରିତ ହୋଇଥାନ୍ତି। ଏହାପରେ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥାଏ। ପରେ ଗ୍ରାମବାସୀ ଲାଠି, କୁର୍ସି, ଶିରା, ଡୋଲି, ପୂଜାରୀଙ୍କ ସମାଗମରେ ବାଜା, ମହୁରି ବଜାଇ ଗ୍ରାମରେ ଥିବା ପ୍ରତ୍ୟେକ ମନ୍ଦିରକୁ ଯାଇ ପୂଜା କରିଥାନ୍ତି। ରାତିରେ ଲୋକମାନଙ୍କ ମନୋରଞ୍ଜନ ପାଇଁ ତିନୋଟି ଦେଶିଆ ନାଟକ ପରିବେଷଣ କରାଯାଏ। ଶନିବାର ମଧ୍ୟ ଏକ ନାଟକ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ମଣ୍ଡେଇ ଯାତ୍ରାରେ ଶହୀଦ ଲକ୍ଷ୍ମଣ ନାୟକ ମିନି ଷ୍ଟାଡିୟମରେ ଥିବା ମୀନାବଜାର ଲୋକମାନଙ୍କୁ ଆକର୍ଷିତ କରୁଛି। ମଣ୍ଡେଇ ଯାତ୍ରାରେ ସାମିଲ ହୋଇଥିବା ସମସ୍ତ ଦଳର ନେତା ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଏ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏକ ପ୍ଲାଟୁନ ପୋଲିସ ଫୋର୍ସ, ହୋମ୍‌ଗାର୍ଡ ଓ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା।

## ପୋଲିସର ଜନ ସମ୍ପର୍କ ଶିବିର

ଉମରକୋଟ, ୧।୩(ସନ୍ତୋଷ ଶତପଥୀ)

ଉମରକୋଟ ପୋଲିସ ପକ୍ଷରୁ ବେହେଡା ପଞ୍ଚାୟତର ଅର୍ଜ୍ଜୁନ ପାଣି ଗ୍ରାମରେ ଏକ ଜନ ସମ୍ପର୍କ ଶିବିର କରାଯାଇଛି। ନବରଙ୍ଗପୁର ପୋଲିସ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସତ୍ୟରଞ୍ଜନ ପତି, ପୋଲିସ ଆର୍‌ଆଇ ଅଜୟ କୁମାର ଇକା, ପୋଲିସ ସୁବେଦାର ଆଶିଷ ପଟେଲ ଓ ଉମରକୋଟ ପୋଲିସ ଏସ୍‌ଆଇ ଅକ୍ଷୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପୋଲିସ ଓ ଲୋକଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। କୌଣସି ଅପରାଧର ଖବର ପାଇଲେ ତୁରନ୍ତ ପୋଲିସ ସହ ଯୋଗାଯୋଗ କରନ୍ତୁ ବୋଲି କୁହାଯାଇଛି। ଏହାପରେ ଗ୍ରାମର ଯୁବକମାନଙ୍କୁ ନେଇ ଭଲିବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ବିଜୟୀ ଦଳକୁ ପୁରସ୍କୃତ କରାଯାଇଛି। ଏହି ଜନସମ୍ପର୍କ ଶିବିରରେ ପଦମଝରି ଓ ଅର୍ଜ୍ଜୁନ ପାଣି ବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପିଲାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ, ବୃଦ୍ଧାବୃଦ୍ଧଙ୍କୁ ପୋଷାକ ଓ ଯୁବଗୋଷ୍ଠୀଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ କରାଯାଇଛି। ବୃଦ୍ଧାବୃଦ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମେଡିସିନ ଦିଆଯାଇଛି। ଅର୍ଜ୍ଜୁନ ପାଣି ବିଦ୍ୟାଳୟ ଶିକ୍ଷକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆଖପାଖ ପଞ୍ଚଳର ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ।

# ସମାଧାନ ହେଲା ଜମିଜମା ବିବାଦ

## ଡିଏଲ୍‌ଏସ୍‌ଏ ପ୍ରଚେଷ୍ଟା



ଉଭୟ ପକ୍ଷଙ୍କ ସହ ଡିଏଲ୍‌ଏସ୍ ଅଧିକାରୀମାନେ।

ନବରଙ୍ଗପୁର, ୧।୩(ସଦାଶିବ ପ୍ରହରାଜ)

ବର୍ଷ ବର୍ଷ ଧରି ପଡି ରହିଥିବା ଜମି ବିବାଦକୁ ସମାଧାନ କରାଇଛି ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଗ୍ରାମର ମୃତ ଭଗବାନ ମାଝିଙ୍କ ସ୍ତ୍ରୀ ସୁଜାତା ଜମି ଜମା ସଂକ୍ରାନ୍ତୀୟ ବିବାଦ ସମ୍ପର୍କରେ ଡିଏଲ୍‌ଏସ୍‌ଏରେ ଆବେଦନ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କୁ ପରିବାରର ଅନ୍ୟମାନେ ଭାଗ ଦେଉ ନ ଥିବା ସମ୍ପର୍କରେ ତାଳିମ୍ବ ଦରଖାସ୍ତରେ ଉଲ୍ଲେଖ କରିଥିଲେ। ଉକ୍ତ ଦରଖାସ୍ତଟି ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଜନକ ରାଉତଙ୍କ ନଜରକୁ ଆସିଥିଲା। ସେ ସମସ୍ୟାଟିକୁ ଗୁରୁତର ସହ ଗ୍ରହଣ କରିଥିଲେ। ଉଭୟ ପକ୍ଷଙ୍କୁ ନୋଟିସ କରି ଡକା ଯାଇଥିଲା। ଜିଲା ଆଇନ ସେବା ପ୍ରାଧୀକରଣ ସଚିବଙ୍କ ତତ୍ତ୍ୱାବଧାନ ଏବଂ କନସିଲେଏଟର ସୁବାଶ ଚନ୍ଦ୍ର ପାଳ ଓ ମନୋରମା ମାଝି ଉଭୟ ପକ୍ଷଙ୍କୁ ବୁଝାଇ ଅପୋଷ ମିଳାମିଶା କରାଇଥିଲେ। ଶେଷରେ ଉଭୟ ପକ୍ଷ ଅପୋଷ ମିଳାମିଶା ବୁଝାମଣା ପତ୍ର ସାକ୍ଷର କରିଥିଲେ। ଏହିଭଳି ଘଟଣାର ପୁନରାବୃତି ନ ହେବାକୁ ଲିଖିତ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଜନକ ରାଉତଙ୍କ ପ୍ରଚେଷ୍ଟାରେ ଏମାନଙ୍କ ଭିତରେ ବହୁ ବର୍ଷ ଧରି ରହିଥିବା ବିବାଦର ଅନ୍ତ ଘଟିଥିଲା।

# ମାନସିକ, ଶାରୀରିକଭାବେ ପ୍ରସ୍ତୁତ ରହିବାକୁ ପରାମର୍ଶ

## ବାଳିକାଙ୍କ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ନବରଙ୍ଗପୁର, ୧।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ପରିସରରେ ବାଳିକାଙ୍କ ନିମନ୍ତେ ଏକ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ଏସ୍‌ଡିପିଓ ମିନାକ୍ଷୀ ଠାକୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଙ୍କୁ ନିଜର ଆତ୍ମ ବିଶ୍ୱାସ ବଜାୟ ରଖି ନିଜକୁ ମାନସିକ ତଥା ଶାରିରୀକ ଭାବରେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି। ଭବିଷ୍ୟତକୁ ଆଖିରେ ରଖି ସୁନାଗରୀକ ଭାବେ ନିଜକୁ ଗଢି ତୋଳିବାକୁ ମହାବିଦ୍ୟାଳୟ ଅଧକ୍ଷ ବିନୋଦ ବିହାରୀ ବେହେରା ଉପଦେଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସଞ୍ଜୁକ୍ତା ନାୟକ, ସାମାଜିକ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଦୁଲହାରୀ କିଶକୁ, ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପୁଷ୍ପାଞ୍ଜଳି ମହାରଣା, ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ରୋଜି ଏକ୍କା, ଅଧ୍ୟାପିକା ଜି. ଭି. ରଞ୍ଜିତା, ସୁଲୋଚନା ନାୟକ, ପ୍ରଶିକ୍ଷିକା କୁନ୍ଦା ମାଝି ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ ଉଦାହରଣ ମାଧ୍ୟମରେ ଆତ୍ମସୁରକ୍ଷା ସମ୍ବନ୍ଧରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ସିଲି ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ। ଅଧ୍ୟାପକ ସୁପ୍ରସିଦ୍ଧ ସିଂ ଏଥିରେ ସହଯୋଗ କରିଥିବାବେଳେ ଉପ ସଂଯୋଜିକା ତଥା ଅଧ୍ୟାପିକା ରଞ୍ଜୁଲତା କହଁର ଧନ୍ୟବାଦ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରାୟ ୧୫୦ରୁ ଅଧିକ ଛାତ୍ରୀ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ମିଳୁ ନ ଥିବାରୁ କ୍ଷୋଭ

## ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ଚତୁର୍ଥ ସାଧାରଣ ବୈଠକ

ତେନ୍ତୁଳିଖୁଣ୍ଟି, ୧।୩(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତିର ଚତୁର୍ଥ ସାଧାରଣ ବୈଠକ ବ୍ଲକ ଅଧକ୍ଷା ନୀଳେନ୍ଦ୍ରି ନାୟକଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ବିଧାୟକ ସଦାଶିବ ପ୍ରଧାନୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମଣ୍ଟୁ ସ୍ୱାଇଁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଆଦି ବିଷୟରେ ଆଲୋଚନା କରାଯାଇଥିଲା।

କମ୍ ଛାତ୍ରୀଛାତ୍ର ଥିବାରୁ ଦୁର୍ଗମ ଅଞ୍ଚଳରେ ବନ୍ଦ କରାଯାଇଥିବା ବିଦ୍ୟାଳୟକୁ ପୁନଃ ଚାଲୁ ପାଇଁ ପ୍ରତି ଅଧିବେଶନରେ ଦାବି କରାଯାଉଥିଲେ ମଧ୍ୟ ତାହାର କାର୍ଯ୍ୟକାରୀ କାହିଁକି ହେଉନି ବୋଲି ପାତ୍ରପୁଟ ସମିତିସଭ୍ୟ ଦିଲୀପ ପ୍ରଧାନୀ ପ୍ରଶ୍ନ କରିଥିଲେ। ବ୍ଲକସ୍ତରରୁ ରିପୋର୍ଟ ଯାଇଛି ବୋଲି ବିଇଓ ସୌମେନ୍ଦ୍ର ଭୌମିକ କହିଛନ୍ତି। ଶିକ୍ଷାବର୍ଷ ଆରମ୍ଭରୁ କିଛି ସକାରାତ୍ମକ ପଦକ୍ଷେପ ନିଆଯାଇଛି କି ବୋଲି ମଞ୍ଚାଗାଁ ସମିତିସଭ୍ୟା ପ୍ରଭାତୀ କନ୍ଧ ପ୍ରଶ୍ନ କରିଥିଲେ।

ହୋମିଓପାଥିକ୍ ଓ ଆୟୁର୍ବେଦିକ୍ ଡାକ୍ତରଖାନା ବନ୍ଦ ପଡ଼ିବାର କାରଣ କ'ଣ ବୋଲି ବ୍ଲକ ସରପଞ୍ଚ ସଙ୍ଘ ସଭାପତି ମଦନମୋହନ ଦଳପତି, ଦିଲୀପ ପ୍ରଧାନୀ, ଡମ୍ବରୁ ଭତ୍ରା ପ୍ରଶ୍ନ କରିଥିଲେ। ସେ ସବୁ ରାୟଗଡ଼ାରୁ ନିୟନ୍ତ୍ରଣ ହେଉଥିବା ତେନ୍ତୁଳିଖୁଣ୍ଟି ସିଏଚ୍‌ସି ଭାରପ୍ରାପ୍ତ ଚିକିତ୍ସାଧିକାରୀ ସମଲାଇ ପ୍ରସାଦ ପଣ୍ଡା କହିଥିଲେ। ଭତ୍ତା ହିତାଧିକାରୀଙ୍କ ଆକାଉଣ୍ଟରେ ଠିକ୍‌ଭାବେ ଜମା ହେଉ ନ ଥିବାରୁ ସେମାନେ ଅସୁବିଧା ଭୋଗୁଛନ୍ତି। ଏବେ ମଧ୍ୟ ଯୋଗ୍ୟ ହିତାଧିକାରୀ ଭତ୍ତାରୁ ବଞ୍ଚିତ ଅଛନ୍ତି। ଏଣୁ ଜଣେ ଭତ୍ତାଧାରୀଙ୍କ ମୃତ୍ୟୁ ପରେ ତୁରନ୍ତ ସେହି ପଞ୍ଚାୟତର ଅନ୍ୟ ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଦେବାକୁ ବୈଠକରେ ଦାବି ହୋଇଛି। ପଞ୍ଚାୟତରୁ ମୃତକଙ୍କ ତାଲିକା ଆସିବାରେ ବିଳମ୍ବ ହେଉଛି ବୋଲି ବିଏସ୍‌ଏସ୍‌ଓ ରବୀନ୍ଦ୍ର ସାହୁ କହିଥିଲେ। ଘରୋଇ ଜମିରେ ସରକାରୀ ବସ୍ ଷ୍ଟପେଜ କରାଯାଇଛି ବୋଲି ବୈଠକରେ ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ କରାଯିବ ବୋଲି ବିଡିଓ ମନୋଜ ପାଣିଗ୍ରାହୀ କହିଥିଲେ। ପିଏମ୍‌ଜିଏ ଯୋଜନାର ଦ୍ୱିତୀୟ କିସ୍ତି ଅର୍ଥ ପାଇବାରେ ବିଳମ୍ବ ହେଉଥିବାରୁ ହିତାଧିକାରୀ ଅସୁବିଧା ଭୋଗ କରୁଥିବା ଅଭିଯୋଗ ହୋଇଥିଲା। ଜିଓ ଟେକ୍ ତ୍ରୁଟି ଯୋଗୁ ସମସ୍ୟା ରହୁଛି। ଦୃଷ୍ଟି ଆକର୍ଷଣ କଲେ ତୁରନ୍ତ ସମାଧାନ କରିଦିଆଯାଉଛି ବୋଲି ଏବିଡିଓ କୃପାସିନ୍ଧୁ ନାୟକ କହିଥିଲେ। ଝରିଗୁମ୍ମା ପଞ୍ଚାୟତର ଅନେକ ଗାଁକୁ ରାସ୍ତା ନାହିଁ। ବାରମ୍ବାର ଦାବି ସତ୍ତ୍ୱେ ଏହି ସମସ୍ୟା ସମାଧାନ ହେଉ ନ ଥିବା, ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀ ୧୦୦୦ ଟଙ୍କା ପାଇ ନ ଥିବାରୁ ଲୋକପ୍ରତିନିଧି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜଙ୍ଗଲ ଜମି ପଟ୍ଟା ପାଇଁ ପ୍ରକ୍ରିୟା ଚାଲିଛି ବୋଲି ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ଜିଲା ପରିଷଦ ସଭ୍ୟା କ୍ରିଷ୍ଣା ମଞ୍ଜରୀ ବିଷୋୟୀ, ପ୍ରାଣୀ ଡାକ୍ତର ମହେନ୍ଦ୍ର ସମରଥ, ଏଏଇ ଭଗବାନ ବେହେରା, ସିଡିପିଓ ବିନିତା ଜେଠି, ମୃତ୍ତିକା ସଂରକ୍ଷଣ କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଅଧିକାରୀ ଓ ଲୋକପ୍ରତିନିଧିମାନେ ଆଲୋଚନା କରୁଛନ୍ତି।

# କେରଙ୍ଗ ବୁଣାଶାଢ଼ି ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡ଼ିଲା ପ୍ରଶାସନ

**ଇନ୍ଟାକ୍-ଜିଲା ପ୍ରଶାସନ-କୋଟସ ମଧ୍ୟରେ ବୈଠକ**

- କେରଙ୍ଗ ଶାଢ଼ି ପ୍ରାୟତଃ ଲୋପ ପାଇଯାଉଛି
- କେରଙ୍ଗ, ଜାଫ୍ରା, ଶିଉନି ଗଛର ଚାରା ସୃଷ୍ଟି କରାଯିବ
- ଏନେଇ ଏକ କାର୍ଯ୍ୟଖସଡ଼ା ରାଜ୍ୟ ସରକାରଙ୍କ ପାଖକୁ ଯିବ

କୋରାପୁଟ,୧।୩(ଅମିତାଭ ବେହେରା)

ଗାଦବା ଆଦିବାସୀଙ୍କ କେରଙ୍ଗ ବୁଣାଶାଢ଼ି କଳାକୁ ପୁନରୁଦ୍ଧାର କରାଯିବ। ଏନେଇ ଏକ ପ୍ରକଳ୍ପ ପ୍ରସ୍ତୁତ କରିବାକୁ ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଜିଲା ପ୍ରଶାସନ, ଇନ୍ଟାକ ଓ କୋଟସର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । କେରଙ୍ଗ ଗଛର ବକ୍କଳ, ଜାଫ୍ରା ଓ ଶିଉନି ଆଦି ଗଛକୁ ବ୍ୟବହାର କରି ବୁଣାଯାଉଥିବା କେରଙ୍ଗ ଶାଢ଼ି ପ୍ରାୟତଃ ଏବେ ଲୋପ ପାଇଗଲାଣି । କୋରାପୁଟର ପୂର୍ବତନ ଜିଲାପାଳ ସଞ୍ଜୀବ ହୋତାଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଜିଲାପାଳ ଭି. କୀର୍ତ୍ତିଭାସନ, ଇନ୍ଟାକ ଚାପ୍ଟର ସଦସ୍ୟ ଅନିଲ ଧିର, ବଟକୃଷ୍ଣ ତ୍ରିପାଠୀ, ଇନ୍ଟାକର ରାଜ୍ୟ ସଭାପତି ଅମିୟ ଭୂଷଣ ତ୍ରିପାଠୀ, କୋଟସର ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଉପଜିଲାପାଳ ବେଣୁଧର ଶବର, ପିଏ ଆଇଟିଡିଏ ସୋମ୍ୟ ସାର୍ଥକ ମିଶ୍ରଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ


ଆଲୋଚନାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଥିଲେ। କେରଙ୍ଗ କଳାକୁ ଅଧିକ ପ୍ରଚାର ପ୍ରସାର ସହ କେରଙ୍ଗ, ଜାଫ୍ରା, ଶିଉନି ଗଛର ଚାରା ସୃଷ୍ଟି କରାଯାଇ ଲମତାପୁଟ ସହ ଅନ୍ୟ ଆଦିବାସୀ ଅଞ୍ଚଳରେ ଏହା ଲଗାଯିବାକୁ ଇନ୍ଟାକ ପକ୍ଷରୁ ବନଖଣ୍ଡ ଅଧିକାରୀଙ୍କୁ କୁହାଯାଇଥିଲା। ସେହିପରି ଏନେଇ ସେମିଳିଗୁଡ଼ା, ପଟ୍ଟାଙ୍ଗି ବ୍ଲକ ପାଇଁ ଏକ ପ୍ରକଳ୍ପ କରିବା ଲାଗି ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ଜିଲା ବୟନଶିଳ୍ପ ଉପନିର୍ଦ୍ଦେଶକ ଶିଶିର ନାଗ ଓ ବନଖଣ୍ଡ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ରିର୍ପୋଟ ପ୍ରସ୍ତୁତ ପରେ ଇନ୍ଟାକ ଓ ଜିଲା ପ୍ରଶାସନ ପକ୍ଷରୁ ଏକ କାର୍ଯ୍ୟଖସଡା ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ବୋଲି ପୂର୍ବତନ ଜିଲାପାଳ ହୋତା କହିଥିଲେ। ବୈଠକରେ ଆଦିବାସୀ ପରମ୍ପରାର ବିଶେଷଜ୍ଞ ଡ. ରାଜେନ୍ଦ୍ର ପାଢ଼ୀଙ୍କ ସମେତ ଇନ୍ଟାକର ବହୁ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଲମତାପୁଟ ବ୍ଲକର ଗୋଡିହଞ୍ଜର ପଞ୍ଚାୟତ ରାଇପଡା ଗ୍ରାମର ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ପରିବାରର ମହିଳାମାନେ ୨ଟି ପାରମ୍ପରିକ ଲୁଗାବୁଣା ତନ୍ତ ଦ୍ୱାରା ଗତ ୨ ମାସ ମଧ୍ୟରେ ୧୦ଟି କେରଙ୍ଗ ବସ୍ତ୍ର ବୁଣି ଇନ୍ଟାକକୁ ଦେଇଛନ୍ତି।

# ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀ ।

ଜୟପୁର,୧।୩(ପବନ ପାଣିଗ୍ରାହୀ)

ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଦିବ୍ୟାଙ୍ଗ ଶିଶୁଙ୍କ ନିମନ୍ତେ ବ୍ଲକସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟପୁର ବ୍ଲକର ୧୫ଟି କ୍ଲଷ୍ଟରର ୪୫ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସେମାନଙ୍କ ମଧ୍ୟରେ ଖେଳ, ନାଚଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ଜୟପୁର ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଶତପଥୀ, ଗୋଷ୍ଠୀ ସାଧନକର୍ମୀ ଡି. ଶୁଭଶ୍ରୀ ପାତ୍ର, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦେବୀପ୍ରସାଦ ଦାସ, ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଥିଲେ । ଶିକ୍ଷକ ଜଗନ୍ନାଥ ମିଶ୍ର, ପ୍ରଦୀପ ମିଶ୍ର, ସୁଧାକର ପଣ୍ଡା, ଆଞ୍ଚଳିକ ସଂଯୋଜକ ସଂଯୁକ୍ତା ରାଉତ, କୁକୁମୀନା ଦାସ, ସୁସ୍ମିତା ପାଢ଼ୀ, ଗୌରୀ ପଣ୍ଡା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ସଂକ୍ଷେପରେ

### ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ
### ୬ କେଜି ଟ୍ୟୁମରର ସଫଳ ଅସ୍ତ୍ରୋପଚାର

କୋରାପୁଟ,୧।୩(ଅମିତାଭ ବେହେରା)– କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ପ୍ରାୟ ୬ କେଜି ଟ୍ୟୁମରର ସଫଳ ଅସ୍ତ୍ରୋପଚାର ହୋଇଛି। ଜିଲାର ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କାମତା ପଞ୍ଚାୟତର ରତାଳି ଗ୍ରାମର ଚନ୍ଦ୍ରମା ଭତରା (୩୦) ପ୍ରାୟ ୪ ବର୍ଷ ହେବ ଟ୍ୟୁମରରେ ପୀଡ଼ିତ ଥିଲେ। ପ୍ରାୟ ଏକ ମାସ ତଳେ ସେ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ଚିକିତ୍ସା ପାଇଁ ଆସିଥିଲେ। ପରେ ଓଡ଼ିଶା ମୋ ପରିବାର ସହାୟତା କେନ୍ଦ୍ର ସଂଯୋଜକ ବୈକୁଣ୍ଠ ମଣ୍ଡଳଙ୍କ ଜରିଆରେ ସର୍ଜରି ବିଭାଗରେ ଆଡ୍‌ମିଟ୍ ହେଇଥିଲେ। ଡା. ରାଜେଶ ରଣା ଏକ ଟିମ୍ ସହ ଚିକିତ୍ସା ଆରମ୍ଭ କରିଥିଲେ। ଚନ୍ଦ୍ରମାଙ୍କ ସମସ୍ତ ପ୍ରକାର ପରୀକ୍ଷା କରିବା ପରେ ତାଙ୍କର ଅସ୍ତ୍ରୋପଚାର କରି ୬ କେଜିର ଏକ ଟ୍ୟୁମର ବାହାର କରାଯାଇଥିଲା। ଏହି ଟିମ୍‌ରେ ଡା. ରଣାଙ୍କ ସହ ଡା. ସତ୍ୟରଞ୍ଜନ ସାହୁ, ଡା. ରାକେଶ ରୋଶନ ବେହେରା ଓ ନିଶ୍ଚେତକ ଡା. ଗୋପାଳ ନାୟକ, ଡା. ଗଣେଶ ହାଁସ୍‌ଦା ସାମିଲ ଥିଲେ।

### ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରି ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

ଜୟପୁର,୧।୩(ପବନ ପାଣିଗ୍ରାହୀ)

ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରି ପ୍ରଥମ ସ୍ତ୍ରୀଙ୍କୁ ପରିବାର ଲୋକେ ନିର୍ଯାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। କୁନ୍ଦୁରା ଥାନା ଅନ୍ତର୍ଗତ ଦରିଗୁଡା ଗ୍ରାମର ପ୍ରତିମା ଭୁମିଆ ଗତ ୧୦ ବର୍ଷ ତଳେ ସୁନ୍ଦର ଭୁମିଆଙ୍କୁ ବିବାହ କରିଥିଲେ। ଏମାନଙ୍କର ୨ଟି ସନ୍ତାନ ରହିଛନ୍ତି। ମାତ୍ର ସ୍ୱାମୀ ସୁନ୍ଦର ଅନ୍ୟ ଜଣଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ଗ୍ରହଣକରି ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ପ୍ରତିମା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ସ୍ୱାମୀ ସୁନ୍ଦର ଓ ଦ୍ୱିତୀୟ ସ୍ତ୍ରୀଙ୍କ ନାମରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଅନିତା କୁଜୁର କହିଛନ୍ତି।

### ମାଡକାପଦର ପଞ୍ଚାୟତର ବିଭିନ୍ନ ପୋଲିଂ ବୁଥ ପରିଦର୍ଶନ କଲେ ବିଡିଓ

ଗୋବିନ୍ଦପାଲି, ୧।୩(କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖାଇରପୁଟ ବ୍ଲକ ବିଡିଓ ତଥା ସହକାରୀ ନିର୍ବାଚନ ରିଟର୍ନିଂ ଅଫିସର ଉମାଶଙ୍କର କୋୟା ଶୁକ୍ରବାର ଦୁର୍ଗମ ମାଡକାପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ପୋଲିଂ ବୁଥ ଏବଂ ବିଦ୍ୟାଳୟ ବୁଲି ଦେଖିଛନ୍ତି। ତାଙ୍କ ସହ ବ୍ଲକ ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ ବେହେରା ଓ ଆରଡବ୍ଲୁଏସ୍ଏସ୍ ସହକାରୀ ଯନ୍ତ୍ରୀ ଭୀଷ୍ମ ମଲ୍ଲିକ ଉପସ୍ଥିତ ଥିଲେ। ଏହି ଅବସରରେ ବିଡିଓ କୋୟା ବିଦ୍ୟାଳୟର ୫-ଟି କାର୍ଯ୍ୟ ସମୀକ୍ଷା କରିଥିଲେ। ଏହି ସମୟରେ ଶ୍ରେଣୀ ଗୃହ ମରାମତି ଓ ପାନୀୟ ଜଳ ସମସ୍ୟା ବିଦ୍ୟାଳୟରେ ରହିଥିବା ଜଣାପଡିଥିଲା। ଏହି ସମସ୍ୟା ଦୂର କରିବାକୁ ବିଡିଓ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଠାରେ ହଷ୍ଟେଲ ପିଲାଙ୍କ ରହିବାକୁ ଘର ନ ଥିବାରୁ ନିକଟସ୍ଥ ସରକାରୀ କୋଠାକୁ ବ୍ୟବହାର



କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ବାହାଦୂରଗୁଡା, ଶୁକ୍ରିପୁଟ, ଟଟାଗୁଡା ପୋଲିଂ ବୁଥ ପରିଦର୍ଶନ କରି ସେଠାରେ ଥିବା ସୁବିଧା ଅସୁବିଧା ତର୍ଜମା କରିଥିଲେ। ସୂଚନାଯୋଗ୍ୟ, ଏହି ସପ୍ତାହ ରେ ବିଡିଓ କୋୟା ବଡ଼ଦୁରାଲ ପଞ୍ଚାୟତର ବିଭିନ୍ନ ବୁଥ ପରିଦର୍ଶନ କରିଥିଲେ।

### ସୁବର୍ଣ୍ଣ ଦିବସ କାର୍ଯ୍ୟକ୍ରମ

ଦାମନଯୋଡି,୧।୩ (ମାନସ ରଞ୍ଜନ କର)

ଶ୍ରୀଅରବିନ୍ଦ ସେଣ୍ଟ୍ରାଲ ଷ୍ଟଡି ସର୍କେଲ ଆନୁକୂଲ୍ୟରେ ସୁବର୍ଣ୍ଣ ଦିବସ କାର୍ଯ୍ୟକ୍ରମ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଭାତରେ ଶ୍ରୀମାଙ୍କ ପତାକା ଉତ୍ତୋଳନ, ମା'ଙ୍କ ସମାଧି ପୀଠରେ ସାମୂହିକ ଧ୍ୟାନ,ଫୁଲ ଓ ଫଟୋର ପ୍ରଦର୍ଶନୀ ସହିତ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଜ୍ଞାନ ସମ୍ପର୍କିତ ପ୍ରଦର୍ଶନୀ ହୋଇଥିଲା। ସନ୍ଧ୍ୟାରେ ସୁବର୍ଣ୍ଣ ଦିବସ ଉପରେ ଏକ ପାଠଚକ୍ର ହୋଇଥିଲା। ଏଥିରେ ସୁବାସ ଚନ୍ଦ୍ର କର ଏବଂ ବନ୍ଦିତା ପଣ୍ଡା ଯୋଗଦେଇ ସୁବର୍ଣ୍ଣ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଡ. ପ୍ରଦୀପ ପାଇଯୋଶୀ, ପ୍ରଦ୍ୟୁମ୍ନ ପରିଡ଼ା, ଅଶୋକ ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୨ ନୂଆ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

ସୁନାବେଡ଼ା, ୧।୩(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ପୌର ପରିଷଦ ପକ୍ଷରୁ ନିର୍ମିତ ୨ଟି ପ୍ରକଳ୍ପକୁ ଶୁକ୍ରବାର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ହନୁମାନ ବଜାର ନିକଟରେ ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ମିଶନ ଶକ୍ତି ଭବନ ଗୃହ ଓ ୯୨ ଲକ୍ଷ ଟଙ୍କା ବ୍ୟୟରେ ପୌର ପରିଷଦ ପରିସରରେ ନିର୍ମିତ ନୂଆ ସଭାଗୃହକୁ ପଡାଲ ଉଦ୍‌ଘାଟନ କରିଥିଲେ। ମିଶନ ଶକ୍ତି ଭବନ ଉଦ୍‌ଘାଟନ ଦ୍ୱାରା ମିଶନ ଶକ୍ତି ମହିଳାମାନଙ୍କ ବହୁ ସମସ୍ୟା ସମାଧାନ ହୋଇଛି। ସେମାନେ ଏଠାରେ ନିଜର ସମସ୍ତ ବୈଠକ କରିପାରିବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଅନ୍ୟତମ ଅତିଥି ରୂପେ ଜିଲା ସହରାଞ୍ଚଳ ପ୍ରକଳ୍ପ ନିର୍ଦ୍ଦେଶକ ଦେବୀ ପ୍ରସାଦ ତାଲି, ସୁନାବେଡ଼ା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର, ଉପାଧ୍ୟକ୍ଷା ରିତୁ କଣ୍ଡା, ଏମ୍‌ପି ପ୍ରତିନିଧି ମହେଶ ଚନ୍ଦ୍ର ଚେଟ୍ଟି, ନିର୍ବାହୀ ଅଧିକାରୀ ନାରାୟଣ ନାୟକ, ଯନ୍ତ୍ରୀ ପ୍ରଶାନ୍ତ ପାତ୍ର, ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ର, କନିଷ୍ଠ ଯନ୍ତ୍ରୀ ଅରୁଣ ନାୟକଙ୍କ ସମେତ ସମସ୍ତ କାଉନସିଲର, ମିଶନ ଶକ୍ତି କର୍ମକର୍ତ୍ତା ଯୋଗଦେଇଥିଲେ। ତ୍ରିନାଥ ପରିଡ଼ା, ଶୁକଦେବ ପାତ୍ର ଓ ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବାଲ୍ୟବିବାହ ଘଟଣା
## ୨ ପରିବାରର ମୁଖ୍ୟଙ୍କ ନାଁରେ ମାମଲା

ଦଶମନ୍ତପୁର, ୧।୩(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତରେ ଗୁରୁବାର ବାଲ୍ୟବିବାହ କରୁଥିବା ଘଟଣାରେ ଉଭୟ ଝିଅ ଓ ପୁଅଙ୍କ ବାପାଙ୍କ ନାଁରେ ଥାନାରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଶୁକ୍ରାପୁଟ ଗ୍ରାମର ହିକିମି ସାଉଁନ୍ତାଙ୍କ ନାବାଳକ ପୁଅ(୧୫)ସହ ଦୁଆରଶୁଣି ପଞ୍ଚାୟତ ନାରଙ୍ଗା ଗ୍ରାମର ବିଶି ସାଉଁନ୍ତାଙ୍କ ନାବାଳିକା ଝିଅ(୧୫)ର ବିବାହ ଲାଗି ପିଲାଟିଦିନୁ ସ୍ଥିର ହୋଇଥିଲା। ସେହି ଅନୁସାରେ ଗୁରୁବାର ଝିଅଘର ଲୋକେ ପୁଅଘରକୁ ଝିଅକୁ ଆଣି ଛାଡ଼ି ଭୋଜି କରୁଥିଲେ। ଏନେଇ ଖବର ପାଇ ଆଇସିଡିଏସ୍ ଓ ଥାନା ଅଧିକାରୀ ସୁକୁମା ହାଁସ୍‌ଦାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବାଲ୍ୟବିବାହକୁ ବନ୍ଦ କରିଥିଲା। ଏହି ଖବର ପ୍ରକାଶ ପାଇବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଝିଅର ବାପା ବିଶି ସାଉଁନ୍ତା ଏବଂ ପୁଅର ବାପା ହିକିମି ସାଉଁନ୍ତାଙ୍କ ନାମରେ ମାମଲା ରୁଜୁ କରାଯାଇଛି। ସମ୍ପୃକ୍ତ ନାବାଳିକାଙ୍କୁ ଜିଲା ଶିଶୁ ସୁରକ୍ଷା କେନ୍ଦ୍ରକୁ ପଠାଯାଇଛି।

## ଟିକଟ ନାଳରେ ଯିବ ଜଗନ୍ନାଥ ସାଗର ପାଣି

ଜୟପୁର,୧।୩(ପବନ ପାଣିଗ୍ରାହୀ)

ଜୟପୁର ଜଗନ୍ନାଥ ସାଗରର ପାଣି ନିଷ୍କାସନ ସମ୍ପର୍କରେ ଶୁକ୍ରବାର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ସମୀକ୍ଷା କରିଛନ୍ତି । ସତୀ ନଦୀଯାଏ ଜୟପୁର ଟିକଟ ନାଳ ଲମ୍ବିଛି । ଉକ୍ତ ନାଳରେ ପାଣି ନିଷ୍କାସନ କରିବା ପାଇଁ ସ୍ଥିର ହୋଇଛି। ଉକ୍ତ ନାଳକୁ ସଫାକରି ପାଣି ନିଷ୍କାସନ ବ୍ୟବସ୍ଥା ହେବ ବୋଲି ପୌରାଧ୍ୟକ୍ଷ ମହାନ୍ତି କହିଛନ୍ତି।

# ମକାଚାଷୀଙ୍କୁ ତାଲିମ

ଜୟପୁର,୧।୩(ପବନ ପାଣିଗ୍ରାହୀ)

ଓଡ଼ିଶାର କୋରାପୁଟ ଜିଲାର କୃଷକଙ୍କ ଜୀବିକା ବୃଦ୍ଧିପାଇଁ ମକାଚାଷ ଏବଂ ଉଦ୍ୟୋଗ ବିକାଶରେ ସର୍ବୋତ୍ତମ ପରିଚାଳନା ଅଭ୍ୟାସ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଆଇସିଏଆର୍ ଭାରତୀୟ ପ୍ରତିଷ୍ଠାନ ଦ୍ୱାରା ଲୁଧିଆନାରେ ଫେବୃଆରୀ ୨୬ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଦିବସରେ ବରିଷ୍ଠ ବୈଜ୍ଞାନିକ ଡ. ଏସ୍‌ଏଲ ଜାଟ ଯୋଗଦେଇ ଓଡ଼ିଶାରେ ମକାର ମହତ୍ତ୍ୱ ଏବଂ ଇଥାନଲ ଶିଳ୍ପ ପାଇଁ ଏହାର ଆବଶ୍ୟକତା ଉପରେ ମତ ରଖିଥିଲେ। ଉନ୍ନତ ଜ୍ଞାନକୌଶଳ ମାଧ୍ୟମରେ ଉତ୍ପାଦକତା ବ୍ୟବଧାନକୁ ଦୂର କରିବା, ମକାଚାଷ ପାଇଁ ଧାନ, ଫଳ ଜମି ବ୍ୟବହାର କରିବା ଏବଂ ଓଡ଼ିଶାରେ ମକା ମୂଲ୍ୟ ଶୃଙ୍ଖଳା ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଓଡିଶା ସରକାରଙ୍କ ମକ୍କା ମିଶନର ଡକ୍ଟର ରୋମେନ ଶର୍ମା କୃଷକଙ୍କୁ ଉନ୍ନତ ଜ୍ଞାନକୌଶଳ ଉପରେ ତାଲିମ ଦେବା ଏବଂ ଜିଲାରେ ମକାଭିତ୍ତିକ ମୂଲ୍ୟ ଶୃଙ୍ଖଳା ବିକାଶର ଆବଶ୍ୟକତା ଉପରେ ମତ ରଖିଥିଲେ। ପର୍ଶୁରାମ ସିଆଲ, ଓଆରଏମ୍ଏସ୍‌ର ଡେପୁଟି ସିଇଓ, ଜିଲା କୃଷି ବିଭାଗର ଏଡିଓ ମକାର ମହତ୍ତ୍ୱ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୪୩ କୃଷକ ଏବଂ ଉଦ୍ୟୋଗୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅତିଥିମାନେ ଅଂଶଗ୍ରହଣକାରୀ କୃଷକମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଡ. ଆଲୋକ ସାହୁ, ଡ. ପି.ଏଚ୍ ରୋମେନ ଶର୍ମା ସଂଯୋଜନା କରିଥିଲେ।

# ଅଗ୍ନିଗଙ୍ଗା ମାଁ ଠାକୁରାଣୀ ଯାତ୍ରା ନେଇ ପ୍ରସ୍ତୁତି ବୈଠକ

କୋରାପୁଟ/ନାରାୟଣପାଟଣା,୧।୩
(ଅମିତାଭ ବେହେରା/ରାଜକିଶୋର ଜେନା)

କୋରାପୁଟ ଜିଲା ଆନ୍ଧ୍ର ସୀମାନ୍ତ ବନ୍ଧୁଗାଁ ବ୍ଲକର ନିଳାବାଡ଼ିର ପ୍ରସିଦ୍ଧ ଶ୍ରୀ ଅଗ୍ନିଗଙ୍ଗା ମାଁ ଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ ଶୁକ୍ରବାର ନୀଳାବାଡ଼ି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମା' ଅଗ୍ନିଗଙ୍ଗା ଯାତ୍ରା କମିଟି ଅଧ୍ୟକ୍ଷା ସୋନାଲି ପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ କମିଟି ସଭାପତି ବାଡ଼ି


ପ୍ରସ୍ତୁତି ବୈଠକରେ କମିଟି ସଦସ୍ୟମାନେ ଆଲୋଚନା କରୁଛନ୍ତି ।

ସତ୍ୟମ ନାଇଡୁ, ପୂର୍ବତନ ସଭାପତି କିଶୋର ପଟ୍ଟନାୟକ, ଗ୍ରାମର ଯୁବକମାନେ, ବନ୍ଧୁଗାଁ ବିଡ଼ିଓ ଅଭିନାଶ ବିଶ୍ୱଜିତ ସେଟ୍ଟି, ଥାନା ଅଧିକାରୀ ପ୍ରସନ୍ନ ମିଶ୍ରଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ମାଙ୍କଙ୍କ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ମାସ ୧୧ ତାରିଖରେ ଶୁଭ ଖୁଣ୍ଟି ସ୍ଥାପନ, ୧୮ ରାତି ୧୦ଟାରେ ଠାକୁରାଣୀ ମାଁଙ୍କୁ ନିମନ୍ତ୍ରଣ କରାଯବାକୁ ବୈଠକରେ ସ୍ଥିର ହୋଇଥିଲା। ହେଲେ ଚଳିତ ବର୍ଷ ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ। ପାନୀୟ ଜଳ, ଗାଡ଼ି ରଖିବା ସୁବିଧା, ଦୋକାନ ବଜାର, ବିଦ୍ୟୁତ୍ ଆଦି ବ୍ୟବସ୍ଥା ହେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଯାତ୍ରା ୯ ଦିନ ଧରି ଚାଲିବ ବୋଲି ଯାତ୍ରା କମିଟି ପକ୍ଷରୁ କୁହାଯାଇଛି।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ମାଲକାନଗିରି,୧।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ବୁଟିଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ବୀଣାପାଣି ଦେବୀଙ୍କୁ ଶୁକ୍ରବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନେଇ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଖଣ୍ଡପାଣି, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଗୌରୀ କପେ, ଶିକ୍ଷକ ଦେବରାଜୁ ସାହୁ, ମମତା ସାହୁ, ପ୍ରତିମା ନାୟକ, ଅନିତା ସିକଦାର, ମଧୁସ୍ମିତା ସିଂ, ରୀନା ମହାପାତ୍ର ତରୁଣ ଦେ, ପୁରବୀ ସିଲ, ଅଙ୍ଗୁରବାଳା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ବୀଣାପାଣିଙ୍କ ଶିକ୍ଷାଦାନ ଶୈଳୀର ପ୍ରଶଂସା କରି ତାଙ୍କୁ ବିଦ୍ୟାଳୟ ସବୁଦିନ ମନେ ରଖିବ ବୋଲି କହିଥିଲେ। ବିଣାପାଣୀ ୧୯୮୬ରେ ଶିକ୍ଷୟିତ୍ରୀ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ତାଙ୍କ ଦୀର୍ଘ ୩୮ ବର୍ଷ ଶିକ୍ଷକତା ଜୀବନରେ ସେ ମାଲକାନଗିରି ଜିଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ କରିଛନ୍ତି। ଶିକ୍ଷୟିତ୍ରୀ ପ୍ରତିମା ନାୟକ ଧନ୍ୟବାଦ ଦେଇଥିଲେ।

# ଦିବ୍ୟାଙ୍ଗଙ୍କ ଅଭିଭାବକଙ୍କୁ ନେଇ ଜୀବନଜୀବିକା କର୍ମଶାଳା

କୋରାପୁଟ,୧।୩(ଅମିତାଭ ବେହେରା )

କୋରାପୁଟ ଟାଉନ୍ ହଲରେ ଦିବ୍ୟାଙ୍ଗ ପିଲାଙ୍କ ଅଭିଭାବକଙ୍କୁ ନେଇ ଜୀବନଜିବିକା ଭିତିକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏକତା ଅନୁଷ୍ଠାନ ପକ୍ଷରୁ ହୋଇଥିବା ଏହି କର୍ମଶାଳାରେ ଅନୁଷ୍ଠାନର ସମ୍ପାଦକ ଜଗନ୍ନାଥ ମିଶ୍ର, ଭି-ଗାର୍ଡ ଉଦ୍ୟୋଗ ଲିମିଟେଡ଼ର ସଞ୍ଜୟ ବେହେରା, ମାନସିକ ବିକାରଗ୍ରସ୍ତ


ଉପସ୍ଥିତ ଅତିଥି ଓ ଅଭିଭାବକମାନେ ।

ବିଦ୍ୟାଳୟ ମାନସ ଏବଂ ଓଡିଶା ରାଇଜିଂ ଫାଉଣ୍ଡେସନ ଭୁବନେଶ୍ୱରର ପ୍ରକଳ୍ପ ପରିଚାଳିକା ବର୍ଣ୍ଣାଳି ବେହେରା, ଯୋଗାଯୋଗ ଓ ସହଭାଗିତା ପରିଚାଳିକା ଦୀପ୍ତିମୟୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅଭିଭାବକ ମାନଙ୍କୁ କିପରି ଭାବେ ସେମାନେ ଜୀବନଜିବିକାଭିତ୍ତିକ କର୍ମକ୍ଷେତ୍ରରେ ନିଜକୁ ସାମିଲ କରିପାରିବେ ଏବଂ ସେମାନଙ୍କ ଦିବ୍ୟାଙ୍ଗ ପିଲାମାନେ ପରବର୍ତ୍ତୀ ସମୟରେ ନିଜର ଜିବିକା ସମ୍ପାଦନା କରି ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ଏହା ହେଉଛି ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ।

## ଦେଶୀ ମଦ ଚାଲାଣ ବେଳେ ଚଢ଼ାଉ, ୨ ଗିରଫ

ଜୟପୁର,୧।୩(ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ କରୁଥିବା ବେଳେ ଜୟପୁର ଅବକାରୀ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଚଢ଼ାଉ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସଦା ହରିଜନ (୫୮) ଓ ବଳଦେବ ଅମନାତ୍ୟ (୩୧) । ଉଭୟେ ମଦ ଚାଲାଣ କରୁଥିବା ଖବର ପାଇ କର୍ମଚାରୀମାନେ ପଡେଇକେରା ଓ ସିରାଗୁଡା ରାସ୍ତାରେ ସେମାନଙ୍କୁ ଧରିଥିଲେ। ସେମାନଙ୍କଠାରୁ ୨୪ ଲିଟର ଦେଶୀ ମଦ ଜବତ ହୋଇଛି। ପରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ, ପ୍ରଦୀପ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଡୁମୁରିପଦର ପଞ୍ଚାୟତରେ ଆମ ବ୍ୟାଙ୍କ ଉଦ୍‌ଘାଟିତ

ଦାମନଯୋଡ଼ି,୧।୩ (ମାନସ ରଞ୍ଜନ କର)

ପଞ୍ଚାୟତସ୍ତରରେ ଲୋକମାନେ କିପରି ସୁବିଧାରେ ବ୍ୟାଙ୍କ ସେବା ପାଇପାରିବେ ସେଥିପାଇଁ ରାଜ୍ୟ ସରକାର ଆମ ବ୍ୟାଙ୍କ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏଥିପାଇଁ ୨ୟ ପର୍ଯ୍ୟାୟରେ ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟର ବିଭିନ୍ନ ପଞ୍ଚାୟତରେ ଆମ ବ୍ୟାଙ୍କ ଆମ ଭରସା କାର୍ଯ୍ୟକ୍ରମ ଲୋକାର୍ପିତ ହୋଇଛି। ଏହି ଅବସରରେ ଦାମନଯୋଡ଼ିର ଡୁମୁରିପଦର ପଞ୍ଚାୟତରେ ଆମ ବ୍ୟାଙ୍କକୁ ସରପଞ୍ଚ ମନୀଷା ହୁଇକା ଉଦ୍‌ଘାଟନ କରିଛନ୍ତି। ପଞ୍ଚାୟତର ଜନପ୍ରତିନିଧି, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଏହି ବ୍ୟାଙ୍କ ସବୁବେଳେ ଗ୍ରାହକମାନଙ୍କୁ ଉତ୍ତମସେବା ଯୋଗାଇବ । ଗ୍ରାମାଞ୍ଚଳ ଲୋକେ ବ୍ୟାଙ୍କ ସେବା ପାଇଁ ଯେଉଁ ସମସ୍ୟା ଭୋଗୁଥିଲେ ତାହା ଦୂର ହୋଇପାରିବ ବୋଲି ପିଇଓ ଉମ୍ବରୁ ଖିଲ କହିଛନ୍ତି।


ଆମ ବ୍ୟାଙ୍କ ସେବା ଉଦ୍‌ଘାଟନ କରୁଛନ୍ତି ସରପଞ୍ଚ ମନୀଷା ହୁଇକା।

# ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପରେ ହଟିଲା ରାସ୍ତା ଅବରୋଧ

**କାର-ବାଇକ୍ ମୁହାଁମୁହିଁ ଘଟଣା**

ନନ୍ଦପୁର, ୧।୩(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଶିରିଶଗୁଡ଼ା ନିକଟରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଘଟଣାର ୨୪ ଘଣ୍ଟା ପରେ ଶୁକ୍ରବାର ମୃତକଙ୍କ ପରିବାରକୁ ୧ଲକ୍ଷ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ଓ ରେଡ୍‌କ୍ରସରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ ପରେ ରାସ୍ତା ଅବରୋଧ ହଟିଛି। ଫଳରେ ଦୀର୍ଘ ୨୪ ଘଣ୍ଟା ଧରି ଉକ୍ତ ରାସ୍ତାରେ ଠପ୍ ହୋଇଯାଇଥିବା ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ହୋଇଛି। ସୂଚନାଯୋଗ୍ୟ, ଗୁରୁବାର ଦିନ ୧୨ଟାରେ ଶିରିଶଗୁଡା ନିକଟରେ କାର-ବାଇକ ମୁହାଁମୁହିଁ ଧକ୍କା


କ୍ଷତିଗ୍ରସ୍ତ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଉଛି।

ହୋଇ ଘଟଣାସ୍ଥଳରେ ବାଇକ୍ ଆରୋହୀ ଅର୍ଜୁନ ପାଙ୍ଗି (୧୧)ଙ୍କ ମୃତ୍ୟୁ ହୋଇଥିଲା। ନବୀନ ପାଙ୍ଗି (୧୬) ଗୁରୁତର ହୋଇଥିଲେ। ଏହାର ପ୍ରତିବାଦରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ମୃତଦେହ ରଖି କ୍ଷତିପୂରଣ ଦାବିରେ ରାତିତମାମ୍ ରାସ୍ତା ଅବରୋଧ କରିଥିଲେ। ତହସିଲଦାର ଅନାଦି ଚରଣ ସାହୁ, ପାଡୁଆ ଥାନା ଅଧିକାରୀ ଅଶୋକ ବିଶୋୟୀ, ଗୋଲୁର, ପାଙ୍ଗଲୁଙ୍ଗ ଟାଟୁଆ, ପାଡୁଆ ସରପଞ୍ଚ, ସମିତିସଭ୍ୟ, ସ୍ଥାନୀୟ ବୁଦ୍ଧିଜୀବୀ, ସେମିଳିଗୁଡା ଓ ପାଡୁଆ ମୋଟର ଚାଳକ ସଂଘର କର୍ମକର୍ତ୍ତା ପହଞ୍ଚି ମୃତକଙ୍କ ପରିବାର ଓ ଉପସ୍ଥିତ ଲୋକଙ୍କ ସହ ଆଲୋଚନା କରିଥିଲେ।

